# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22 March - 2024

### News Editor : *Tapan Kumar Moharana*

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ସମସ୍ତ ବିଧାନସଭା ଏବଂ ଲୋକସଭା ଆସନରେ ଭାରତୀୟ ଜନତାପାର୍ଟି ଏକାକୀ ନିର୍ବାଚନ ଲଢ଼ିବ; ସ୍ପଷ୍ଟ କଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ
- ବରିଷ୍ଠ  ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ପରଲୋକରେ ରାଷ୍ଟ୍ରପତିଙ୍କ ଶୋକ
- ଦୁଇ ରାଷ୍ଟ୍ରାୟତ ବ୍ୟାଙ୍କରେ ଶ୍ରୀମନ୍ଦିରକୁ ମିଳିଥିବା ୧୨୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜମା କରିବା ନେଇ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି

ଏବଂ

- ‘ଶାନ୍ତି ପାଇଁ ଜଳ’ର ବାର୍ତ୍ତା ନେଇ ସାରା ବିଶ୍ୱରେ ଆଜି ପାଳନ କରାଯାଉଛି ବିଶ୍ୱ ଜଳଦିବସ

## ମେଣ୍ଟ ହେବନାହିଁ-ମନମୋହନ ସାମଲ

ରାଜ୍ୟର ୨୧ଟି ଲୋକସଭା ଆସନ ଏବଂ ୧୪୭ଟି ବିଧାନସଭା ଆସନରେ ଭାରତୀୟ ଜନତା ପାର୍ଟି ଏକାକୀ ଲଢ଼ିବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ବିଜୁ ଜନତା ଦଳ ଏବଂ ବିଜେପି ମଧ୍ୟରେ କୌଣସି ରାଜନୈତିକ ମେଣ୍ଟ ହେବ ନାହିଁ ବୋଲି ଶ୍ରୀ ସାମଲ ସ୍ପଷ୍ଟ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଶ୍ରୀ ସାମଲ କହିଛନ୍ତି, ବିକଶିତ ଓଡ଼ିଶା ଗଠନ ଦିଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ସର୍ବଦା ପ୍ରାଥମିକତା ରହିଆସିଛି। ବିଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର, କେନ୍ଦ୍ରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କୁ ରାଷ୍ଟ୍ରୀୟ ମହତ୍ତ୍ୱ ଥିବା ଅନେକ ପ୍ରସଙ୍ଗରେ ସମର୍ଥନ କରୁଥିବାରୁ ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ ଧନ୍ୟବାଦ ଜଣାଇଛନ୍ତି। ସମଗ୍ର ଦେଶରେ ଯେଉଁ ସବୁ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ରହିଛି, ସେଠାରେ ବିକାଶ ଓ ଗରିବ କଲ୍ୟାଣର କାର୍ଯ୍ୟ ସବୁ ତ୍ୱରାନ୍ୱିତ ହୋଇଛି। ସେହିସବୁ ରାଜ୍ୟଗୁଡ଼ିକ ଅଗ୍ରଗତି ହାସଲ କରୁଛନ୍ତି ବୋଲି ଶ୍ରୀ ସାମଲ ତାଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି।

## ଦାମୋଦର ରାଉତଙ୍କ ପରଲୋକ

ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ଶୋକବାର୍ତ୍ତାରେ ଓଡ଼ିଶାର ପ୍ରଗତିରେ ଡାକ୍ତର ରାଉତଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡାକ୍ତର ଦାମୋଦର ରାଉତଙ୍କ ଦେହାନ୍ତ

ଓଡ଼ିଶା ରାଜନୀତିରେ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ଲୋକଙ୍କର ସେବା ଲାଗି ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। କେନ୍ଦ୍ର ଶିକ୍ଷା, ଦକ୍ଷତାବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ଡାକ୍ତର ଦାମୋଦର ରାଉତ ଜଣେ ସ୍ୱଷ୍ଟବାଦୀ ଓ ଅନୁଭବୀ ରାଜନେତା ଥିଲେ। ଦୀର୍ଘବର୍ଷ ଧରି ରାଜନୀତିରେ ସକ୍ରିୟ ରହି ଲୋକମାନଙ୍କର କଲ୍ୟାଣ କାର୍ଯ୍ୟରେ ଡକ୍ଟର ରାଉତ ନିୟୋଜିତ ଥିଲେ।

ଓଡ଼ିଶା ରାଜନୀତିରେ ରାଜନେତା ଭାବେ ପ୍ରଥମ ଥର ପାଇଁ ଡକ୍ଟର ଦାମୋଦର ରାଉତ ୧୯୭୭ ମସିହାରେ ଜନତା ଦଳରୁ ଏର୍‌ସମାର ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ  ପୁଣି ଥରେ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଏର୍‌ସମାରୁ ବିଧାୟକ ହେବା ପରେ ବିଜୁ ଜନତା ଦଳରୁ ୨୦୦୨ରୁ ୨୦୧୯ ପର୍ଯ୍ୟନ୍ତ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

ରାଜନୀତିକ ଜୀବନ କାଳ ମଧ୍ୟରେ ଡାକ୍ତର ରାଉତ ୭ ଥର ରାଜ୍ୟ ବିଧାନସଭାକୁ ନିର୍ବାଚିତ ହେବା ସହିତ ସରକାରଙ୍କର ବିଭିନ୍ନ ବିଭାଗରେ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ୧୯୪୨ ମସିହା ଜୁଲାଇ ମାସ ୨ ତାରିଖରେ ଜଗତ୍‌ସିଂହପୁର ଜିଲ୍ଲା ଏରସମା ବ୍ଲକ୍ ମାଲିପୁର ଗାଁରେ ଜନ୍ମଗ୍ରହଣ କରିଥିବା ଡାକ୍ତର ରାଉତ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ସୂଚନା ଓ ଲୋକସମ୍ପର୍କ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ଡାକ୍ତର ରାଉତଙ୍କର ଗତକାଲି ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ତାଙ୍କୁ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧିନ

ଅବସ୍ଥାରେ ଆଜି ଭୋର ସାଢ଼େ ୫ଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଡାକ୍ତର ରାଉତଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ କରାଯିବ ବୋଲି ତାଙ୍କ ପୁଅ ତଥା ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ କହିଛନ୍ତି।

## ଭର୍ତ୍ତୃହରିଙ୍କ ଇସ୍ତଫା

କଟକ ସାଂସଦ ଭର୍ତ୍ତୃହରି ମହତାବ ଆଜି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ରକୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି ବୋଲି ଶ୍ରୀ ମହତାବ କହିଛନ୍ତି। ଭର୍ତ୍ତୃହରି ମହତାବ କଟକ ଲୋକସଭା ଆସନରୁ ଲଗାତାର ୬ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

## ଦାନ ଅର୍ଥ ଜମା

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆଜି ଦାନ ଅର୍ଥ ଜମାକୁ ନେଇ ବିଡିଂ ଅନୁଷ୍ଠିତ ହୋଇଯାଇଛି। ୧୨୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମା ନେଇ ଆଜି ସ୍ଥିର କରାଯାଇଥିଲା। ଏହି ବିଡିଂରେ ୮ଟି ଜାତୀୟ ସ୍ତରର ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ। ତେବେ ଶ୍ରୀମନ୍ଦିର ଫାଉଣ୍ଡେସନ ଫଣ୍ଡର ୧୧୮ କୋଟି ୧୨ ଲକ୍ଷ ୬୫ ହଜାର ୪ ଟଙ୍କାକୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୭ ଦଶମିକ ୯/୨ ସୁଧ ହାରରେ ଜମା କରାଯାଇଛି।

ସେହିପରି କର୍ପସ୍ ଫଣ୍ଡର ୬ କୋଟି ୬୪ ଲକ୍ଷ ୨୬୩ ଟଙ୍କାକୁ ୭ ଦଶମିକ ୭/୦ ସୁଧ ହାରରେ ଇଣ୍ଡିଆନ୍ ବ୍ୟାଙ୍କ୍‌ରେ ଜମା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅର୍ଥରାଶିକୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ

ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଜମା କରାଯିବା ନେଇ ସ୍ଥିର କରାଯାଇଥିବା ଜଣାପଡିଛି।

## ଆଇନ୍‌ଜୀବୀ-ନାମ ପଞ୍ଜୀକରଣ

ଓଡ଼ିଶା ହାଇକୋର୍ଟର ନିର୍ଦ୍ଦେଶନାମା ଅନୁସାରେ ଜଣେ ଆଇନ୍‌ଜୀବୀଙ୍କୁ ପରିଚୟପତ୍ର ପ୍ରଦାନବେଳେ ସେଥିରେ ଆଇନ୍‌ଜୀବୀ କେଉଁ ତାରିଖରେ ନିଜ ନାମ ପଞ୍ଜୀକରଣ କରିଛନ୍ତି, ତାର ସୂଚନା ରହିବ। ରାଜ୍ୟ ଆଇନ୍‌ଜୀବୀ ପରିଷଦ ପକ୍ଷରୁ ପ୍ରତ୍ୟେକ ବାର୍‌କୁ ଚିଠି ଲେଖି ଏ ସଂକ୍ରାନ୍ତରେ ଜଣାଇବାକୁ ଅଦାଲତ ତାଙ୍କର ଆଦେଶରେ କହିଛନ୍ତି। ହାଇକୋର୍ଟ ଗତକାଲି ଭୁବନେଶ୍ୱର ବାର୍ ଆସୋସିଏସନ୍‌ର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପାଇଁ ଆବେଦନ କରିଥିବା ଜଣେ ଓକିଲଙ୍କର ମାମଲାକୁ ବିଚାର କରି ଏହି ରାୟ ଦେଇଛନ୍ତି।

## ବିଶ୍ୱ ଜଳ ଦିବସ

ଜଳ ହେଉଛି ପ୍ରକୃତିର ଉପାଦାନ ଏବଂ ଏହା ମାନବ ଏବଂ ପ୍ରାଣୀ ଜାତିର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଜଳସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ନେଇ ୧୯୯୩ ମସିହାଠାରୁ ଜାତିସଂଘ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖ ଆଜିର ଦିନକୁ ବିଶ୍ୱ ଜଳ ଦିବସ ଭାବେ ପାଳନ କରୁଛି। ପୃଥିବୀର ୭୧ ପ୍ରତିଶତ ହେଉଛି ଜଳ। ତଥାପି ଧରାପୃଷ୍ଠରେ ଅନେକ ସ୍ଥାନରେ ଜଳର ଅଭାବ ଦେଖାଦେଉଛି। ବାସ୍ତବ ଚିତ୍ରକୁ ଦେଖିଲେ ଜଣାପଡେ ପୃଥିବୀର ମୋଟ ଜଳର ୯୭ ପ୍ରତିଶତ ସାଗର ଏବଂ ମହାସାଗରରେ ଅଛି। ଲବଣ ଅଂଶ ଅଧିକ ଥିବା ଯୋଗୁଁ ମନୁଷ୍ୟ ଏବଂ ପ୍ରାଣୀ ଜଗତ ଏବଂ ଚାଷ କାମ ପାଇଁ ଜଳ

ଗ୍ରହଣଯୋଗ୍ୟ ହୋଇନଥାଏ। ଏକ ଆକଳନରୁ ଜଣାପଡିଛି, ପୃଥିବୀର ମାତ୍ର ଶୂନ ଦଶମିକ ୫ ପ୍ରତିଶତ ଜଳକୁ ୮ଶହ କୋଟିରୁ ଊର୍ଦ୍ଧ୍ୱ ଲୋକ, ପ୍ରାଣୀ, ଏବଂ କୃଷି କାର୍ଯ୍ୟ ପାଇଁ ବ୍ୟବହାର କରିଥାନ୍ତି। ଭୌଗୋଳିକ ସ୍ଥିତିରୁ ଦେଖିଲେ, ପୃଥିବୀର କେଉଁ ସ୍ଥାନରେ ଅତ୍ୟଧିକ ଜଳ ଗଚ୍ଛିତ ଥିବାବେଳେ ଅନ୍ୟ କେତେକ ସ୍ଥାନରେ ଆବଶ୍ୟକତା ଠାରୁ ବହୁତ କମ୍ ପରିମାଣର ଜଳ ଥାଏ। ବିଶ୍ୱରେ ୨୨୦ କୋଟି ଲୋକ ସ୍ୱଚ୍ଛ ପାନୀୟ ଜଳ ପାଇ ପାରୁ ନାହାନ୍ତି।  ସେହିଭଳି ୧୫୩ଟି ଦେଶର ୩୦୦ କୋଟି ଲୋକ ନଦୀ ଏବଂ ହ୍ରଦର ଜଳ ଉପରେ ନିର୍ଭର କରିଥାନ୍ତି। ବିଶ୍ୱର ମୋଟ୍ ମଧୁର ଜଳର ୭୨ ପ୍ରତିଶତ କୃଷି କାର୍ଯ୍ୟ, ୧୬ ପ୍ରତିଶତ ଘରୋଇ ବ୍ୟବହାର ଏବଂ  ୧୨ ପ୍ରତିଶତ ଜଳ କଳକାରଖାନା ପାଇଁ ବ୍ୟବହୃତ ହୋଇଥାଏ। ଜଳର ସୁରକ୍ଷା, ସ୍ୱଚ୍ଛତା ଏବଂ ସୁରକ୍ଷିତ ଜଳର ବ୍ୟବହାର ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଣି ପଞ୍ଚାୟତଗୁଡ଼ିକ ପକ୍ଷରୁ ଜଳଦିବସ ପାଳନ କରାଯାଉଛି।

ଚଳିତବର୍ଷ ପାଇଁ ଜଳ ଦିବସର ବାର୍ତ୍ତା ରହିଛି 'ଶାନ୍ତି ପାଇଁ ଜଳ' । ଦେଶ-ଦେଶ କିମ୍ବା ଅନ୍ୟ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ହେବା ପରିବର୍ତ୍ତେ ସହଯୋଗଭିତ୍ତିରେ ଏହାର ବ୍ୟବହାର ହେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଦିବସ ବାର୍ତ୍ତା ଦେଉଛଇ।

ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳ  ମିଳିବା ସମ୍ଭବପର ହେଉନାହିଁ ବୋଲି ଜଳସମ୍ପଦ ବିଭାଗ ଓ ଜଳଆୟୋଗ ବିଭାଗ

ପକ୍ଷରୁ ସୂଚନା ମିଳିଛି। ଜଳସ୍ତର ହ୍ରାସ ଯୋଗୁଁ ଅଧିକ ସମୟ ପର୍ଯ୍ୟନ୍ତ ନଳକୂପଗୁଡ଼ିକ ପାଣି ଯୋଗାଇ ପାରୁ ନାହିଁ। ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୨ ପ୍ରତିଶତ ଜଳସ୍ତର ହ୍ରାସ ପାଇଛି ବୋଲି ଜଳସମ୍ପଦ ବିଭାଗର ଏକ ଆକଳନରୁ ଜଣାପଡିଛି।

## କୋରାପୁଟ ନିର୍ବାଚନ ମଣ୍ଡଳୀ

କୋରାପୁଟ ଜିଲ୍ଲାର ୫ଟି ବିଧାନସଭା ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟରେ ଆସନ୍ତା ମେ' ମାସ ୧୩ ତାରିଖରେ ଭୋଟ ଗ୍ରହଣ ହେବ। ପ୍ରଥମ ଥର ପାଇଁ ଜିଲ୍ଲାରେ ୨୨ ହଜାର ୫୦୦ ନୂଆ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏଥିସହ ମୋଟ ୯ ଲକ୍ଷ ୬୯ ହଜାର ୯ ଜଣ ଭୋଟର ଭୋଟ୍ ଦେବେ।  ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ଭୋଟରଙ୍କ ତୁଳନାରେ ଅଧିକ ରହିଛି। ଭୋଟ୍ ଗ୍ରହଣ ନିମନ୍ତେ ୧ ହଜାର ୧୫୮ଟି ମତଦାନ କେନ୍ଦ୍ର କରାଯାଇଥିବାବେଳେ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ସଖୀ ବୁଥ୍ କରାଯିବ। ଯାହା କେବଳ ମହିଳା ପୁଲିଂ ଟିମ୍ ମାନଙ୍କ ଦ୍ୱାରା ପରିଚାଳିତ ହେବ। କୋଟପାଡ, କୋରାପୁଟ, ପଟାଙ୍ଗୀ ଓ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏ ଭୋଟଗ୍ରହଣ ହେବାକୁ ଥିବାବେଳେ କେବଳ ଜୟପୁର ନିର୍ବାଚନମଣ୍ଡଳୀରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏଁ ଭୋଟ ଦାନ ହେବ। ଅନ୍ୟପକ୍ଷରେ, ମିଥ୍ୟା ଖବର ପ୍ରସାରଣ, ଫେକ୍ ନିଉଜ୍ ଭଳି ଘଟଣାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇ ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

ମତଦାନ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରତି ବିଧାନସଭା କ୍ଷେତ୍ର ପାଇଁ ୩ଟି ଲେଖାଏଁ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଗଠନ କରାଯାଇଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକାର କହିଛନ୍ତି। ସୁଙ୍କି, କୋଟିଆ, ଆଲମଣ୍ଡା, ଚାନ୍ଦିଲି, ଲକ୍ଷ୍ମୀପୁର ଆଦି ସୀମାନ୍ତ ଅଞ୍ଚଳରେ ପ୍ରତ୍ୟେକ ଗାଡ଼ିକୁ ଯାଞ୍ଚ କରାଯାଉଥିବା ଏସ୍.ପି. ସୂଚନା ଦେଇଛନ୍ତି। ମାଓ ଅଧ୍ୟୁଷିତ ଅଞ୍ଚଳରେ କେନ୍ଦ୍ରୀୟ ବାହିନୀ ସହ ମିଳିତ ଅପରେସନ କରାଯିବ ବୋଲି ସେ କହିଛନ୍ତି।

**- V/O –**

**ଫ୍ଲାଗ୍‌ମାର୍ଚ୍ଚ**

ଆଗାମୀ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଦେବଗଡ଼ ଜିଲ୍ଲା ପୋଲିସ୍ ପକ୍ଷରୁ ଦେବଗଡ଼ ସହରରେ ଆଜି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଜିଲ୍ଲାର ସମସ୍ତ ଥାନା ଅଞ୍ଚଳଗୁଡ଼ିକରେ ନିର୍ବାଚନ ପୂର୍ବରୁ ଫ୍ଲାଗ୍‌ମାର୍ଚ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ପୁଲିସ୍ ପକ୍ଷରୁ କୁହାଯାଇଛି। ସେହିଭଳି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାଠାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଏକ ପୁଲିସ୍ ତାଲିମ୍ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୁନିଗୁଡ଼ା, ବିଷମକଟକ, ଆମ୍ବଦଳା, ଚନ୍ଦ୍ରପୁର, ଦାଙ୍ଗସରୋଡା, ଜଗଦଲପୁର ଫାଣ୍ଡି ଅଧିନରେ ଥିବା ସମସ୍ତ ପୁଲିସ୍ ଅଧିକାରୀ ତାଲିମ୍ ନେଇଥିଲେ।

*******************************